ବାଲ୍ୟ ବିବାହ ପ୍ରତିରୋଧ ଓ ଶିଶୁ ସୁରକ୍ଷା ସମ୍ପର୍କରେ ତାଲିମ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର,(ଆପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଆରସୋନପୁର ଦ୍ୱାରା ଷ୍ଟିଚଟିଙ୍ଗ୍ କିଣ୍ଡର୍ ପୋଷ୍ଟଜିଗେଲ୍ ନେଦରଲେଣ୍ଡ ସହାୟତାରେ ଲଛିପୁର ମେହେର କଲ୍ୟାଣ ମଣ୍ଡପଠାରେ ବାଲ୍ୟ ବିବାହ ପ୍ରତିରୋଧ ଓ ଶିଶୁ ସୁରକ୍ଷା ସମ୍ପର୍କରେ ତାଲିମ୍ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ଷେତ୍ରସଂଯୋଜିକା ସ୍ୱେତା ରାୟ ସମସ୍ତଙ୍କୁ ସ୍ୱାଗତ କରିବା ସହ ବର୍ତମାନ ସମୟରେ ଶିଶୁମାନଙ୍କ ପ୍ରତି ହେଉଥିବା ଅସୁରକ୍ଷିତ ବାତାବରଣ ସମ୍ପର୍କରେ ଜାଣିବା ତଥା ଜିଲ୍ଲାରେ ଘଟୁଥିବା ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ଆଲୋଚନା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଲଛିପୁର ସମିତି ସଭ୍ୟ ଶ୍ରୀଯୁକ୍ତ ରଘୁନାଥ ସାହୁ ଯୋଗଦେଇ ବାଲ୍ୟ ବିବାହ ଏକ ସାମାଜିକ କଳଙ୍କ ଏବଂ ସମସ୍ତେ ସଚେତନତାର ସହ ସହଯୋଗ କଲେ ଏହାକୁ ରୋକାଯାଇପାରିବ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଙ୍ଗନବାଡି କର୍ମୀ ଦମୟନ୍ତି ଆଚାର୍ଯ୍ୟ, ଶେଷଦେବ ବଣିଆଁ, ବିପ୍ର ଜୀମୁତ ବାହନ ଦାଶଯୋଗଦେଇ ବାଲ୍ୟ ବିବାହ ହେବା ଦ୍ୱାରା ଶାରିରୀକ ଏବଂ ମାନସିକ ସ୍ତରରେ ପଡୁଥିବା ପ୍ରଭାବ ସମ୍ପର୍କରେ ଉପସ୍ଥାପିତ କରିବା ସହିତ ବାଲ୍ୟ ବିବାହ ପ୍ରତିରୋଧ ଆଇନ ୨୦୦୬ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସାଧନ କର୍ମୀ ତଥା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବୌଦ୍ଧର କ୍ଷେତ୍ର କର୍ମୀ ସୁଶାନ୍ତ ଭୋଇ ବିଭାଗ ଦ୍ୱାରା ନିଆଯାଉଥିବା ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ସହ ଶିଶୁମାନଙ୍କ ସୁରକ୍ଷା ପାଇଁ ରହିଥିବା ଆନୁଷ୍ଠାନିକ ଏବଂ ଅଣ ଆନୁଷ୍ଠାନିକ ସୁବିଧା ଓ ପୃଷ୍ଠପୋଷକ ସେବା ସମ୍ପର୍କରେ ବିଷଦ୍ ଆଲୋଚନା ସହ କୌଣସି ଶିଶୁ ଅସୁରକ୍ଷିତ ଅବସ୍ଥାରେ ଥିଲେ ୧୦୯୮ ଏବଂ ୧୦୦ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଥିଲେ । ଏହା ସହିତ ଜିଲ୍ଲା ସ୍ତରରେ ରହିଥିବା ଶିଶୁ ସୁରକ୍ଷା ଢାଞ୍ଚା ତଥା ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟୀର ଗଠନ ଶୈଳି ଏବଂ କାର୍ଯ୍ୟକାରିତା ସମ୍ପର୍କରେ ବିଷଦ୍ ଭାବେ ଉପସ୍ଥାପନ କରିଥିଲେ । ପ୍ରତିଭାଗିମାନେ ଗ୍ରାମ ସ୍ତରରେ ଉଭୟ କିଶୋର କିଶୋରୀ ତଥା ଅଭିଭାବକମାନଙ୍କ ସହ ନିରନ୍ତର ପରାମର୍ଶ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ । ସେହିପରି ମଲ୍ଲିକମୁଣ୍ଡାଠାରେ ଆୟୋଜିତ ତାଲିମରେ ସରପଞ୍ଚ ମମତା ମାଝି, ଶିଶୁ ମଙ୍ଗଳ କମିଟୀ ପୂର୍ବତନ ସଦସ୍ୟ ଡା. ରାଧେଶ୍ୟାମ ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ଆଇନ ତଥା ପରିବିକ୍ଷା ଅଧିକାରୀ କେଶବ ମେହେର, ଅଙ୍ଗନ ବାଡି କର୍ମୀ ମନୋରମା ମିଶ୍ର ଯୋଗଦେଇଥିବା ବେଳେ ଖଲିଆପାଲିରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଟାକ୍ସଫୋର୍ସ ସଦସ୍ୟ ଲକ୍ଷ୍ମଣ ବଣ୍ଡିଆ, ପଂଚାୟତ ଶିଶୁ ସୁରକ୍ଷା କମିଟୀ ସଦସ୍ୟ ଭଗବାନ ନାଏକ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କ୍ଷେତ୍ରକର୍ମି ଥବିର କାଲ୍‌ସେ, ଗ୍ରାମ୍ୟ ଉନ୍ନୟନ କମିଟୀ ସଦସ୍ୟ ମହାଦେବ ବଗର୍ତୀ ଓ ମୟୂରଉଡାନଠାରେ ସରପଂଚ ଭାଗ୍ୟବତୀ ବାଘ, ଅଙ୍ଗନବାଡି କର୍ମୀ ଗିତାଳୀ ରଣା, ନଳନୀପ୍ରଭା ହୋତା ଓ ସାଧନକର୍ମୀ ସୁଶାନ୍ତ ଭୋଇ ଯୋଗଦେଇ ବାଲ୍ୟ ବିବାହର ମାନସିକ, ଶାରିରୀକ, ଅର୍ଥନୈତିକ ପ୍ରଭାବ ସଂପର୍କରେ ଆଲୋଚନା କରିବା ସହ ଆଇନ ଗତ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ କାର୍ଯ୍ୟକ୍ରମ ସହାୟକ ସୁଶାନ୍ତ ସା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଲଛିପୁର ଗ୍ରାମ ପଂଚାୟତ ର ୪୫ ଜଣ ପ୍ରତିଭାଗି, ମଲ୍ଲିକମୁଣ୍ଡାରେ ୭୫ ପ୍ରତିଭାଗି, ଖଲିଆପାଲିରେ ୪୫ ପ୍ରତିଭାଗି ଓ ମୟୂରଉଡାନରେ ୪୫ ପ୍ରତିଭାଗି ବାଲ୍ୟ ବିବାହକୁ ରୋକିବା ତଥା ନିଜ ଅଂଚଳରେ ସଚେତନତା ସୃଷ୍ଟି କରିବା ପାଇଁ ଶପଥ ନେଇଥିଲେ ।

କାଦୁଅ ରାସ୍ତାରେ ଯାଉଛନ୍ତି ଗ୍ରାମବାସୀ ଓ ଛାତ୍ରଛାତ୍ରୀ

ଅଭିଯୋଗ ପରେ ମଧ୍ୟ ଶୁଣୁନାହାନ୍ତି ବିଡିଓ ଓ ସରପଞ୍ଚ

ବଲାଙ୍ଗିର,(ଆପ୍ର): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତର ଖର୍ସେଲଡୁଙ୍ଗୁରି ଗ୍ରାମବାସୀ,ଛାତ୍ରଛାତ୍ରୀ ସ୍କୁଲ କଲେଜକୁ ଯିବାକୁ ହେଲେ କାଦୁଅ ରାସ୍ତାଦେଇ ଯିବାକୁ ପଡୁଥିବାରୁ ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ରାସ୍ତାରେ ଆଣ୍ଠୁଏ ପାଣି ଫଳରେ ପାଠପଢି ଯାଉଥିବା ଛାତ୍ରଛାତ୍ରୀ ପାଣି କାଦୁଅରେ ଖସିପଡୁଛନ୍ତି । ଗ୍ରାମବାସୀ ସେହି ରାସ୍ତା ଉପରେ ନିର୍ଭର କରୁଥିବାରୁ ଲୋକେ ତଥା ଗାଇଗୋରୁ ଛେଳିମେଣ୍ଢା ସମସ୍ତେ ଆସୁଥିବା ଯାଉଥିବା ସମୟରେ ଖସି ପଡୁଛନ୍ତି । ଏପରିକି ଟିକିଏ ବର୍ଷା ହେଲେ ଏହି ରାସ୍ତା ବନ୍ଦ ହେଇଯାଉଥିବା ଫଳରେ ଗ୍ରାମବାସୀ ବାହାରକୁ କାମକରିଯାଇଥିବା ବନ୍ଦ ହୋଇଯାଉଥିବାରୁ ଘରେ ବସି ରହିଯାଉଛନ୍ତ । ଫଳରେ ଉପବାସରେ ମଧ୍ୟ ରହିବାକୁ ପଡୁଛି । ସରକାର ରାସ୍ତା ତିଆରି କରିବାକୁ ନିଷ୍ପତି ନେଇଛନ୍ତି ସତ କିନ୍ତୁ କାହିଁକି କେଜାଣି ଏହି ଗ୍ରାମକୁ ରାସ୍ତା ପାଇଁ ଅନେକ ଥର ସରପଞ୍ଚ ତଥା ବିଡିଓଙ୍କୁ ଅଭିଯୋଗ କରିସାରିଲେଣି କିନ୍ତୁ କେହି କର୍ଣ୍ଣପାତ କରୁନାହାନ୍ତି । ଫଳରେ ଗ୍ରାମବାସୀ ହଟହଟା ହେଉଛନ୍ତି,ଏହି ରାସ୍ତାକୁ ଶିଘ୍ର ମରାମତି ନକଲେ ରଞ୍ଜନ ମହାକୁର, କଂସାରୀ ସାହୁ, ସଙ୍କରସନ ସାହୁ, ସୁବାସ ସାହୁ, ମେଘ ପରୁଆ, ଚୁନା ପଧାନ, କପିଲେ ପଧାନ, ପରଦେଶୀ ଛତ୍ରୀଆ, ଅବନୀ ସାହୁ, ବିଷ୍ଣୁ ସାହୁ ତଥା ଗ୍ରାମବାସୀ ଅଭିଯୋଗ କରୁଛନ୍ତ । ଏ ଦିଗରେ ପ୍ରାସଶନ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ ହେଉଛି ।

ସିକ୍ୟୁରିଟି ଗାର୍ଡଙ୍କୁ ବାହାର କରିବା ପାଇଁ ଚକ୍ରାନ୍ତ

ସୁବର୍ଣ୍ଣପୁର,(ଆପ୍ର): ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଏଟିଏମରେ କାର୍ଯ୍ୟରତ ସୁରକ୍ଷା କର୍ମିଙ୍କ ଭାଗ୍ୟ ଏବେ ଅନ୍ଧାରରେ । ଦିର୍ଘ ୭ ବର୍ଷ ଧରି କାର୍ଯ୍ୟରତ ଥିବା ସୁରକ୍ଷାକର୍ମିଙ୍କୁ ବାହାର କରିବା ପାଇଁ ଚାଲଛି ମସୁଧା । ଏସଆଇଏସ ସିକ୍ୟୁରିଟି ସଂସ୍ଥାରେ ଜିଲ୍ଲାର ୧୨ ଜଣ ଗରିବ ଯୁବକ ଏଟିଏମ ସୁରକ୍ଷାରେ ଅଛନ୍ତି । ସେଥିରୁ ଯାହା ଉପାର୍ଜନ କରନ୍ତି ସେଥିରେ ଦୁଖେସୁଖେ ପରିବାର ପ୍ରତିପୋଷଣ କରିଥାନ୍ତି । ହେଲେ ବର୍ତମାନ ଟାଇଗର-୪ ନାମକ ଏକ ସଂସ୍ଥା ଏଟିଏମ ସୁରକ୍ଷା ପାଇଁ ଅନୁବନ୍ଧିତ ହୋଇଥିବାବେଳେ ଏମାନଙ୍କୁ ବାହାର କରିବା ପାଇଁ ଚକ୍ରାନ୍ତ ଚଲାଇଥିବା ଅଭିଯୋଗ ହୋଇଛି । ଏନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଛନ୍ତି ସିକ୍ୟୁରିଟି ଗାର୍ଡମାନେ । ସିକ୍ୟୁରିଟି ଗାର୍ଡ ଦେବଦୁଲ୍ଲଭ ସାହୁ,ଗୁରୁଦେବ କୁମ୍ଭାର,ସେବକ ପଧାନ, ଅନନ୍ତ ସାହୁ, ବିଦ୍ୟାଧର ପଧାନ, ରାଜେଶ ମେହେର, ଯୁଧିଷ୍ଠିର ପୁଟେଲ, ମାନ ନାୟକ, ହିରଣ୍ୟ ନାୟକ, ତ୍ରୀପାଂଶୁ ପଧାନ ସୁଧାଂଶୁ କୁଦେଇ ଏବଂ ପ୍ରଶାନ୍ତ ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ଗୁହାରୀ କରିଛନ୍ତି ।

ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ରାଜଗାଙ୍ଗପୁର,(ଆ.ପ୍ର): ଜିଲ୍ଲାପାଳ ସୁନ୍ଦରଗଡ଼ ଜନସାଧାରଣଙ୍କ ନିମନ୍ତେ ରାଜଗାଙ୍ଗପୁର ବ୍ଲକରେ ଅଭିଯୋଗ ଶିବିର ଖୋଲାଯାଇଥିଲା । ଉକ୍ତ ଶିବିରରେ ରାଜଗାଙ୍ଗପୁର ପୌରାଞ୍ଚଳ ଓ ବ୍ଲକ ଅର୍ନ୍ତଗତ ୧୨ଟି ପଞ୍ଚାୟତମାନଙ୍କରୁ ୧୦୧ଟି ଅଭିଯୋଗ ଦାଖଲ ହୋଇଥିଲା ମୁଖ୍ୟତଃ ପଞ୍ଚାୟତ ସ୍ତରର ରୋଡ଼ରାସ୍ତା, ସରକାରୀ ଘର, ପୋଲଗୁଡ଼ିକ ନିମ୍ନମାନର ହୋଇଥିବା ଓ ସମସ୍ତ କ୍ଷେତ୍ରରେ ବିଜୁଳି, ପାଣି, ଶିକ୍ଷାଅନୁଷ୍ଠାନ ନେଇ କି ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା ଉକ୍ତ ଶିବିରରେ ୧୦ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ଓ ୫୦୦୦୦ ଟଙ୍କା ଭଡ଼ା ଆକାରରେ ବିତରଣ କରାଯାଇଥିଲା । ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣଙ୍କ ସହିତ ଆରକ୍ଷୀଙ୍କ ଅଧିକାରୀ ସୋମ୍ୟା ମିଶ୍ର, ଉପଜିଲ୍ଲାପାଳ, ସ୍ଥାନୀୟ ବିଡ଼ିଓ ମାନସ ରଂଜନ ରାୟ, ତହସିଲଦାର ରିନା କୁମାରୀ ନାୟକ, ଅତିରିକ୍ତ ତହସିଲଦାର ଜ୍ୟୋତି ବିକାଶ ଦାସ,ସିଡ଼ିଏମଓ ସୁନ୍ଦରଗଡ଼, ବନଉପଖଣ୍ଡ ଅଧିକାରୀ ରାଜଗାଙ୍ଗପୁର ସମେତ ଅନେକ ଅଧିକାରୀମାନଙ୍କ ଉପସ୍ଥିତିରେ କାର୍ଯ୍ୟଟି ସମ୍ପନ୍ନ ହୋଇଥିଲା ।

ଲଗାଣ ବର୍ଷାରେ ଜନଜୀବନ ବେହାଲ

ବରଗଡ,(ଆପ୍ର): ବରଗଡରେ କ୍ରମାଗତ ୩ ଦିନଧରି ବର୍ଷା ଯୋଗୁଁ ନାହିଁ ନଥିବା ପରିସ୍ଥିତି ସୃଷ୍ଟି ହୋଇଛି । ବରଗଡର ଅପରପାର୍ଶ୍ୱ ଜୀରା (ଯମୁନା) ନଦୀର ଆମ୍ବାପାଲି ବର୍ଷା ଯୋଗୁଁ ରାସ୍ତାଧୋଇ ହୋଇ ଏକ ପ୍ରକାର ଗମନାଗମନ ବାଧାପ୍ରାପ୍ତ ହୋଇଛି । ସହରମଧ୍ୟସ୍ଥ ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ଆଦୌନଥିବାରୁ ରାସ୍ତାର ଦୁଇ ପାର୍ଶ୍ୱରେ ପାଣି ଜମି ଗମନାଗମନ ବାଧାପ୍ରାପ୍ତ ହୋଇଛି । ଏସପି ଅଫିସ ଗେଟ ପାର୍ଶ୍ୱରେ ପାଣି ଜମିରହି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି । ସହରରୁ ୧୯ଟି ୱାର୍ଡରୁ ଅଧିକାଂଶ ୱାର୍ଡର ସ୍ଲାମ ରୋଡ(ଗଳିରାସ୍ତା) ଭାଙ୍ଗିରୁଜି ଯାଇ ଅଧିକାଂଶ ସ୍ଥାନରେ ପାଣି ଜମିରହି ପରିସ୍ଥିତି ବିପଦସଙ୍କୁଳ ହୋଇଛି । ସହରତଳ ଅଞ୍ଚଳ ପଦୀପଡା, ଭନଲି ରୋଡର ଅଧିକାଂଶ ଅଞ୍ଚଳ ପାଣି ଘେରରେ ରହିଛି । ଏ କ୍ଷେତ୍ରରେ ଝିପିଝିପି ବର୍ଷା ଯୋଗୁଁ ଅଳିଆ ଆବର୍ଜନା ସଫେଇ ମଧ୍ୟ ଅଧିକାଂଶ ସ୍ଥାନରେ ବାଧା ପ୍ରାପ୍ତ ହୋଇ ପରିସ୍ଥିତି ଅଶାୟତ୍ତ ହୋଇ ପଡିଛି । ସ୍କୁଲ କଲେଜ ଗ୍ରାମଞ୍ଚଳ ଛାତ୍ରଛାତ୍ରୀ ସ୍କୁଲ କଲେଜ ଆସିବା ବେଳେ ପାଣି ଯୋଗୁଁ ଅସୁବିଧା ସାମ୍ନା କରୁଛନ୍ତି । ମୁଖ୍ୟତଃ ରାସ୍ତା ଦୁଇ ପାର୍ଶ୍ୱ ନାଳ ବ୍ୟବସ୍ଥା ନ କରି ଚଉଡା ରାସ୍ତା ତିଆରି ଯୋଗୁଁ ବରଗଡ ସହର ଲୋକେ ଅସୁବିଧା ସାମ୍ନା କରୁଥିବା ଅଭିଯୋଗ ହୁଏ । ସମସ୍ୟା ସମାଧାନ ପାଇଁ ସାଧାରଣରେ ଦାବୀ ହୁଏ ।

ମନ୍ଦିର ପରିସରରେ ବୃକ୍ଷରୋପଣ

ସୁବର୍ଣ୍ଣପୁର,(ଆପ୍ର): ମନ୍ଦିର ମାଳିନୀ ସୁବର୍ଣ୍ଣପୁର ଜିଲ୍ଲାର ଗତରକେଲାଠାରେ ଥିବା ବାବା ଖୁଖୁଡେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ଶ୍ରାବଣ ମାସର ବୋଲବମ ଅବସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଡଳି ଯୁବ ଭାରତର ସଦସ୍ୟ ମନୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ପ୍ରଭାରୀ ସତ୍ୟବାନ ମିଶ୍ର ଓ ମହାଦେବଙ୍କଠାରେ ପାଣି ଢାଳିବାକୁ ଆସିଥିବା କାଉଡିଆମାନେ ସାମିଲ ହୋଇ ଚାରା ରୋପଣ କରିଥିଲେ ।

ପିଥିଣ୍ଡା ସରପଞ୍ଚଙ୍କ ବିରୋଧରେ ଅନିୟମିତତା ଅଭିଯୋଗ

ବେଲପାହାଡ଼,(ଆ.ପ୍ର): ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ପିଥିଣ୍ଡା ସରପନ୍‌ଚଙ୍କ ବିରୋଧରେ ମନମୂଖୀ କାର୍ଯ୍ୟ ତଥା ଅନିୟମିତତା କରୁଥିବା ଦର୍ଶାଇ ଜିଲାପାଳଙ୍କୁ ସୋମବାର ଅଭିଯୋଗ କରାଯାଇଛି । ପିଥିଣ୍ଡା ପଞ୍ଚାୟତ ଅଂଚଳରେ ହୋଇଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ସରପନ୍‌ଚ ଅନିୟମିତତା କରିଥିବା ଅଭିଯୋଗ ହୋଇଛି । ତେବେ ଉଲ୍ଲେଖିତ ଅଭିଯୋଗ ଅନୁସାରେ ପିଥିଣ୍ଡା ଗ୍ରାମରେ ଶବଦାହ ପାଇଁ ଶ୍ମଶାନ ଜମି ଥାଇ ମଧ୍ୟ ହୀରାକୁଦ ଜଳ ଭଣ୍ଡାର ବନ୍ଧ ହାଡ଼ରେ ନିର୍ମାଣ କରାଯାଇଛି । ପିଥିଣ୍ଡା ଗ୍ରାମରେ ପାଠାଗାର ପାଇଁ ମଂଜୁର ହୋଇଥିବା ଗୃହକୁ ଯଦୁମଣି ଦେହେରୀଙ୍କ ରୟତି ଜମିରେ ବହୁ ବିରୋଧ ସତ୍ତ୍ୱେ ବଳ ପୂର୍ବକ ନିର୍ମାଣ କରାଯାଉଛି । ଦେହରୀଡ଼ିପା ଗ୍ରାମର ଗୋଷ୍ଠୀ କେନ୍ଦ୍ରକୁ ନେପାଳ ଦେହେରୀଙ୍କ ରୟତି ଜମିରେ ଯୋର ଜବରଦସ୍ତି ବହୁ ବିରୋଧ ସତ୍ତ୍ୱେ ନିର୍ମାଣ କରାଯାଉଛି । ପିଥିଣ୍ଡା ଗ୍ରାମର ପଣ୍ଡରୀ ବନ୍ଧ ମାଟି ଖନନ କାର୍ଯ୍ୟ ପାଇଁ ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ନରେଗା ଯୋଜନାରୁ ୩ ଲକ୍ଷ ଟଙ୍କା ମଂଜୁରୀ କରାଯାଇଥିଲା । ଏହି କାର୍ଯ୍ୟକୁ ନିୟମ ମୁତାବକ ଗ୍ରାମର ଶ୍ରମିକମାନଙ୍କୁ ନେଇ କାର୍ଯ୍ୟ ନିର୍ବାହ କରାଯାଇଥିବା ବେଳେ ବର୍ତମାନ ସୁଦ୍ଧା ଶ୍ରମିକମାନଙ୍କ ବକେୟା ମଜୁରି ପ୍ରଦାନ କରାଯାଇନାହିଁ । ଏନେଇ ଲେବର କୋର୍ଟରେ ଅଭିଯୋଗ କରାଯାଇଛି । ପୁଣି ଅବଶିଷ୍ଟ କାର୍ଯ୍ୟକୁ ମେଶିନ ଦ୍ୱାରା ନିର୍ବାହ କରାଯାଇ ଥିଲା ଯାହାର ପ୍ରମାଣରେ ଭିଡିଓ ଚିତ୍ର ମଧ୍ୟ ରହିଥିବା ଅଭିଯୋଗ ହୋଇଛି । ଏହି କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ସମ୍ପକ୍ତ ଯନ୍ତ୍ରୀଙ୍କୁ ବିଲ ପାସ କରିବା ପାଇଁ ମଧ୍ୟ ବାଧ୍ୟ କରାଯାଉଛି । ସେହିପରି ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ପିଥିଣ୍ଡା ପଞ୍ଚାୟତରେ ୩ଟି ପର୍ଯ୍ୟାୟରେ ପୀଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପନ୍‌ଚାୟତ ଅଂଚଳର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗଦାନ କରି ପିଠା ପ୍ରଦର୍ଶନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ତେବେ ପୁରସ୍କାର ଦିଆଯିବ ବୋଲି କୁହାଯାଇଥିବା ବେଳେ ସେମାନଙ୍କୁ ଏପର୍ଯ୍ୟଂତ ପୁରସ୍କାର ପ୍ରଦାନ କରାଯାଇନାହିଁ । ଏହି ପିଠା କାର୍ଯ୍ୟକ୍ରମ ପାଇଁ ଆସିଥିବା ସମସ୍ତ ଅର୍ଥକୁ ଆତ୍ମସାତ କରାଯାଇଥିବା ଆଦି ଅଭିଯୋଗ ହୋଇଛି । ସରପନ୍‌ଚଙ୍କ ଏଭଳି କାର୍ଯ୍ୟକଳାପ ଯୋଗୁଁ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଜିଲାପାଳଙ୍କ ସମେତ ଲଖନପୁର ବିଡିଓଙ୍କୁ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗ ପତ୍ରରେ ପିଥିଣ୍ଡା ପନ୍‌ଚାୟତର ପୂର୍ବତନ ସରପନ୍‌ଚ ସୁରେନ୍ଦ୍ର ବେହେରା, ହେନନ୍ତ ସା, ମଦନ ସା, ଜୟ ମା ଦୁର୍ଗା ଏସ୍‌ଏଚ୍‌ଜି ଗୃପର ସଦସ୍ୟା ଉମେଶ୍ୱରୀ ସା ପ୍ରମୁଖଙ୍କ ସ୍ୱାକ୍ଷର ଅଛି । ତେବେ ପିଥିଣ୍ଡା ସରପନ୍‌ଚ ଲକ୍ଷ୍ମଣ ଦେହେରୀଙ୍କୁ ଏନେଇ ପଚାରିବାରୁ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିବା ସହିତ ତାଙ୍କୁ ବଦନାମ କରିବାର ଚକ୍ରାନ୍ତ କରାଯାଉଛି, ଗ୍ରାମବାସୀଙ୍କ ସହମତି କ୍ରମେ ସମସ୍ତ କାର୍ଯ୍ୟ ସଠିକ ଭାବରେ ନିର୍ବାହ କରାଯାଇଛି ଏବଂ କୌଣସି କାର୍ଯ୍ୟରେ ଅନିୟମିତା କାରାଯାଇନାହିଁ ବୋଲି ଗଣାମଧ୍ୟକୁ ପ୍ରକାଶ କରିଛନ୍ତି ।

ସୁଧୁରୁନି ବ୍ଲକ ପ୍ରଶାସନ,ବିନା ସୂଚନା ଫଳକରେ ଚାଲିଛି କାମ

ଝୁମ୍ପୁରା,(ଆପ୍ର): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ପ୍ରଶାସନ ବିନା ସୂଚନା ଫଳକରେ ସରକାରୀ ଯୋଜନା ଗୁଡିକର କାମ କରିବା ପରମ୍ପରା ସୃଷ୍ଟି କରୁଛି । ଠିକାଦାର ଓ ବିଭାଗୀୟ ଅଧିକାରୀ ସରକାରୀ ନୀତି ନିୟମକୁ ଖୋଲା ଖୋଲି ଉଲ୍ଲଙ୍ଘନ କରି ବ୍ଲକ ଅଧିନରେ ହେଉଥିବା କାର୍ଯ୍ୟ ଗୁଡିକରେ ବିନା ସୂଚନା ଫଳକରେ କାମ କରି ସରକାରୀ ଟଙ୍କାକୁ ହରିଲୁଟ କରୁଥିବା ବ୍ଲକ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ ହେଉଛି,କିନ୍ତୁ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ । ସରକାରଙ୍କ ନିୟମ ଅନୁଯାୟୀ ସରକାରୀ ଯୋଜନା ଯେଉଁ ସ୍ଥାନରେ ହେବ ସେଠାରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଥମରେ ସୂଚନା ଫଳକ ନିର୍ମାଣ କରାଯାଇ,ଯୋଜନାର ନାମ,କେତେ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି, ଶ୍ରମିକ ମାନଙ୍କୁ ଦୈନିକ ପାରିଶ୍ରମିକ କେତେ ମିଳିବ,କାର୍ଯ୍ୟଟି କେତେ ତାରିଖରେ ଆରମ୍ଭ ହୋଇ କେତେ ତାରିଖରେ ଶେଷ ହେବ,କାର୍ଯ୍ୟାଦେଶ କାହା ନାମରେ ରହିଛି,କାର୍ଯ୍ୟ ତଦାରଖ କରୁଥିବା ବିଭାଗୀୟ ଯନ୍ତ୍ରୀଙ୍କ ନାମ, ଉକ୍ତ କାମ ପାଇଁ କେତେ ଦିନ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଛି, ବାଲି, ସିମେଟଂ,ମେଟଂାଲ,ଚିପ୍ସର ଭାଗ ମାପ କେତେ, ଏ ସମସ୍ତ ତଥ୍ୟ ସୂଚନା ଫଳକରେ ବିଧିବଧ ଭାବେ ଲିପିବୋଧ ହେବାର କଡାକଡି ନିୟମ ଥିବା ବେଳେ, ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ବୁଝାମଣାରେ ବିନା ସୂଚନା ଫଳକରେ କାମ ଶେଷ ହୋଇଯାଉଛି । ଯଦି କୋଉଁଠି ସୂଚନା ଫଳକ ପାଇଁ ଜନସାଧାରଣ ଅଭିଯୋଗ କରୁଛନ୍ତି, ତେବେ ଠିକାଦାର ତରବରିଆ ଭାବେ କାହାର ଘର କାନ୍ଥ, ପିଣ୍ଡା କିମ୍ବା କାହାର ପାଚେରୀରେ ସୂଚନା ଲେଖି ଦେଇ ବିଲ୍ ଉଠାଇ ନେଉଥିବା ଅଭିଯୋଗ ହେଉଅଛି । ବିନା ସୂଚନା ଫଳକରେ କାମ ଶେଷ କରିବା ଝୁମ୍ପୁରା ବ୍ଲକ ପ୍ରଶାସନ ଏକ ନୂଆ ପରମ୍ପରା ସୃଷ୍ଟି କରୁଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଝୁମ୍ପୁରା ବ୍ଲକ ଅର୍ନ୍ତଗତ ମଲଦା ଗ୍ରାମପଚାଂୟତର ମଲଦା ଗ୍ରାମ ହାଟ ପଡିଆରେ ନିର୍ମାଣ କରାଯାଇଥିବା ସିମେଂଟ କଂକ୍ରିଟ ପିଣ୍ଡି (ଚାଷାମାନେ ବସି ବିକ୍ରିବଟା କରିବା ନିମନ୍ତେ) ରେ